ଜି. ସୁନ୍ଦରେଶ୍ୱର ରାଓ

ବନାମ

ଏପି ସରକାର ଏବଂ ଅନ୍ୟମାନେ

ଫେବୃଆରୀ 26, 1996

[କେ. ରାମସ୍ୱାମୀ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ:*

*ଏ. ପି. ପ୍ରତିଷେଧକ ଔଷଧ ପ୍ରତିଷ୍ଠାନ ସେବା କାମଚଳା ନିୟମାବଳୀ :*

*ନିୟମ 4(b)- ବରିଷ୍ଠ ବୈଜ୍ଞାନିକ ଅଧିକାରୀ ପଦବୀକୁ ପଦୋନ୍ନତି- ଜି. ଓ. ଏମଏସ. ସଂଖ୍ୟା 219 ସ୍ୱାସ୍ଥ୍ୟ ଚିକିତ୍ସା ଏବଂ ପରିବାର କଲ୍ୟାଣ ତା 26 ମାର୍ଚ୍ଚ, 1987 ରିଖ -ସ୍ନାତକୋତ୍ତର ଯୋଗ୍ୟତା ଅଧିଗ୍ରହଣ କରିବା ପରେ 5 ବର୍ଷର ସେବା -ସ୍ନାତକୋତ୍ତର ହାସଲ କରିବା ପରେ ସର୍ବନିମ୍ନ 5 ବର୍ଷର ଅଭିଜ୍ଞତାର ବାଧ୍ୟତାମୂଳକ ଚରିତ୍ରର ଆଇନଗତ ଉଦ୍ଦେଶ୍ୟକୁ ସୂଚିତ କରେ -ଏକ ବିଧାନ ସମ୍ବନ୍ଧୀୟ ନୀତି ହୋଇଥିବାରୁ, ଏହା କୁହାଯାଇପାରିବ ନାହିଁ ଯେ ନିୟମଗୁଡ଼ିକ କ୍ଷମତା ବହିର୍ଭୂତ କିମ୍ବା ମନମୁଖୀ- ଯଦି ପରବର୍ତ୍ତୀ କାଳରେ ସ୍ନାତକୋତ୍ତର ପରେ ସର୍ବନିମ୍ନ ଅଭିଜ୍ଞତା ସମାପ୍ତ ହୁଏ, ଆବେଦନକାରୀ ପଦୋନ୍ନତି ପାଇଁ ବିଚାରରେ ଆସିବାକୁ ହକଦାର ।*

*ଶେଷରାଓ ଜାଙ୍ଗଲୁଜିବାଗଡ଼େ* ବନାମ *ଭଇୟା,* **[1991] ସପ୍ଲି. 1 ଏସସିସି 367, ପ୍ରଭେଦନୀୟ ।**

ଦେୱାନୀ ଆବେଦନ ଅଧିକାରିତା: ସ୍ୱତନ୍ତ୍ର ଅନୁମତି ଆବେଦନ (ସି) ସଂଖ୍ୟା 5934-35/1996

ଏମ. ଏ. ସଂଖ୍ୟା 664/1995 ସହିତ ଓ. ଏ. ସଂଖ୍ୟା 81344/90 ରେ ଆନ୍ଧ୍ର ପ୍ରଦେଶ ପ୍ରଶାସନିକ ନ୍ୟାୟାଧିକରଣ ହାଇଦ୍ରାବାଦର ତା 28.3.95 ରିଖ ରାୟ ତଥା ଆଦେଶରୁ

ଆବେଦନକାରୀମାନଙ୍କ ପକ୍ଷରୁ ଏଲ. ଏନ. ରାଓ ଏବଂ ଏସ. ଉଦୟ କେ. ସାଗର ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଏହି ସ୍ୱତନ୍ତ୍ର ଅନୁମତି ଆବେଦନ ପ୍ରଶାସନିକ ନ୍ୟାୟାଧିକରଣ, ହାଇଦ୍ରାବାଦର ଆଦେଶ ବିରୁଦ୍ଧରେ ଦାଖଲ କରାଯାଇଛି ଯାହା ମାର୍ଚ୍ଚ 28, 1995 ରେ ଓ.ଏ. ସଂଖ୍ୟା 81344/90 ରେ କରାଯାଇଥିଲା । ଆବେଦନକାରୀଙ୍କ ମାମଲା ଏହିକି ଯେ ଜଣେ ବରିଷ୍ଠ ବୈଜ୍ଞାନିକ ଅଧିକାରୀ ଭାବରେ ପଦୋନ୍ନତି ପାଇଁ ତାଙ୍କର ଆବଶ୍ୟକ ଯୋଗ୍ୟତା ଥିଲା । କିନ୍ତୁ କନିଷ୍ଠ ବୈଜ୍ଞାନିକ ଅଧିକାରୀଙ୍କ ପରବର୍ତ୍ତୀ ପଦୋନ୍ନତି ପାଇଁ ବିଚାର କରିବାର ଅଧିକାରରୁ ତାଙ୍କୁ ଅଯଥା ବଞ୍ଚିତ କରାଯାଇଥିଲା । ଶ୍ରୀମାନ ଓକିଲ ଶ୍ରୀ ଏଲ. ଏନ. ରାଓ ଯୁକ୍ତି ବାଢ଼ିଛନ୍ତି ଯେ ମୁଖ୍ୟ ସାର୍ବଜନୀନ ବିଶ୍ଳେଷକ, ବରିଷ୍ଠ ଏବଂ କନିଷ୍ଠ ବୈଜ୍ଞାନିକ ଅଧିକାରୀ ପଦବୀ ପାଇଁ ଏ. ପି. ପ୍ରତିଷେଧକ ଔଷଧ ପ୍ରତିଷ୍ଠାନ ସେବା କାମଚଳା ନିୟମାବଳୀ ର ନିୟମ 4(b), ଯାହା କି ଜି. ଓ. ଏମଏସ. ସଂଖ୍ୟା 219 ସ୍ୱାସ୍ଥ୍ୟ ଚିକିତ୍ସା ଏବଂ ପରିବାର କଲ୍ୟାଣ, ତା 26 ମାର୍ଚ୍ଚ, 1987 ରିଖରେ ଜାରି କରାଯାଇଛି, କ୍ଷମତାର ବାହାରେ । ଥରେ

ଆବେଦନକାରୀ ସ୍ନାତକୋତ୍ତର ଯୋଗ୍ୟତା ଅର୍ଜନ କରିବା ପରେ, ସ୍ନାତକୋତ୍ତର ଅର୍ଜନ ପରେ 5 ବର୍ଷର ସେବାର ଜିଦ ନ୍ୟାୟସଙ୍ଗତ ନୁହେଁ । ଏହାର ସମର୍ଥନରେ, ସେ *ଶେଶରାଓ ଜଙ୍ଗଲୁଜିବାଗଢେ* ବନାମ *ଭଇୟା*, [1991] ସପ୍ଲି. 1 ଏସସିସି 367 ମାମଲାରେ ଏହି ନ୍ୟାୟାଳୟର ଏକ ରାୟ ଉପରେ ନିର୍ଭର କରିଥିଲେ ।

ନିୟମ 4(b) ଏହିପରି ପଠନୀୟ:

"ଖାଦ୍ୟ ଅପମିଶ୍ରଣ ନିବାରଣ ଅଧିନିୟମ, 1954 ଅଧୀନରେ ନିଯୁକ୍ତ ହୋଇଥିବା ମୁଖ୍ୟ ସାର୍ବଜନୀନ ବିଶ୍ଳେଷକ/ସରକାରୀ ବିଶ୍ଳେଷକଙ୍କ ନିୟନ୍ତ୍ରଣରେ ଖାଦ୍ୟ ବିଶ୍ଳେଷଣରେ ସ୍ନାତକୋତ୍ତର ଭାବେ ଅତି କମରେ 5 ବର୍ଷର ଅଧିକ ଅଭିଜ୍ଞତା ଥିବା ଆବଶ୍ୟକ ।

ସେହି ବାଧ୍ୟତାମୂଳକ ନିୟମକୁ ଦୃଷ୍ଟିରେ ରଖି ଯେ ପ୍ରାର୍ଥୀଙ୍କର ଖାଦ୍ୟ ବିଶ୍ଳେଷଣରେ ସ୍ନାତକୋତ୍ତର ଭାବରେ ସର୍ବନିମ୍ନ 5 ବର୍ଷର ଅଭିଜ୍ଞତା ରହିବା ଆବଶ୍ୟକ, ଏହି ନିୟମର ଉଦ୍ଦେଶ୍ୟ ସୁସ୍ପଷ୍ଟ ଯେ ସ୍ନାତକୋତ୍ତର ହାସଲ କରିବା ପରେ ଜଣେ ଖାଦ୍ୟ ବିଶ୍ଳେଷଣରେ ଜଣଙ୍କର ସର୍ବନିମ୍ନ 5 ବର୍ଷର ଅଭିଜ୍ଞତା ରହିବା ନିହାତି ଆବଶ୍ୟକ । ଏହା ଉଲ୍ଲେଖ କରିବା ପ୍ରାସଙ୍ଗିକ ହେବ ଯେ ଯେତେବେଳେ ଅପମିଶ୍ରଣ ପାଇଁ ଖାଦ୍ୟର ବିଶ୍ଳେଷଣ କରାଯିବ, ସେତେବେଳେ ବରିଷ୍ଠ ବୈଜ୍ଞାନିକ ଅଧିକାରୀଙ୍କୁ ସେହି ତରଫରୁ ପଠାଯାଇଥିବା ବିଶ୍ଳେଷକଙ୍କ ବିବୃତିକୁ ପ୍ରତି-ପରୀକ୍ଷା କରିବାକୁ ପଡିବ, ନିୟମାବଳୀର ଉଦ୍ଦେଶ୍ୟ ଥିଲା ଯେ ସ୍ନାତକୋତ୍ତର ହାସଲ କରିବା ପରେ ତାଙ୍କର ବିଶେଷଜ୍ଞ ଜ୍ଞାନ ରହିବା ଆବଶ୍ୟକ ଏବଂ ନିୟମ ଅଧୀନରେ ସର୍ବନିମ୍ନ 5 ବର୍ଷର ଅଭିଜ୍ଞତା ନିର୍ଦ୍ଧାରିତ ହୋଇଛି ଏବଂ ଏହା ଉପରେ ଜୋର ଦିଆଯାଇଛି । "କମ ହୋଇନଥିବ", ଏହି ଶବ୍ଦାବଳୀ ସ୍ନାତକୋତ୍ତର ହାସଲ କରିବା ପରେ ସର୍ବନିମ୍ନ 5 ବର୍ଷର ଅଭିଜ୍ଞତାର ବାଧ୍ୟତାମୂଳକ ଚରିତ୍ରର ବୈଧାନିକ ଉଦ୍ଦେଶ୍ୟ ପ୍ରଦାନ କରିଥାଏ । ତେଣୁ, ଏହା ବିଧାନ ସମ୍ବନ୍ଧୀୟ ନୀତି ହୋଇଥିବାରୁ, ଏହା କୁହାଯାଇପାରିବ ନାହିଁ ଯେ ଏହି ନିୟମ କ୍ଷମତା ବହିର୍ଭୂତ କିମ୍ବା ମନମୁଖୀ ।

ଏହା ସତ୍ୟ ଯେ ଉପରୋକ୍ତ ରାୟରେ, ଏହି ନ୍ୟାୟାଳୟ ଏହିପରି କହିଛନ୍ତି:

> "ସାଧାରଣତଃ, ଯେତେବେଳେ ଆମ୍ଭେ କୌଣସି ଅଭିଜ୍ଞତା ବିଷୟରେ ଆଲୋଚନା କରୁ, ଯଦି ପ୍ରସଙ୍ଗ ଅନ୍ୟଥା ଦାବି ନ କରେ, ଆବଶ୍ୟକୀୟ ସର୍ବନିମ୍ନ ଯୋଗ୍ୟତା ଅର୍ଜନ କରିବା ପରେ ଏହାକୁ ଅଭିଜ୍ଞତା ଭାବରେ ଗ୍ରହଣ କରାଯିବା ଉଚିତ ଏବଂ ତେଣୁ, ନିଶ୍ଚିତ ଭାବରେ ଯୋଗ୍ୟତା ଅର୍ଜନ କରିବାର ପରବର୍ତ୍ତୀ ହେବା ଆବଶ୍ୟକ । ତେବେ, ପଦୋନ୍ନତି କ୍ଷେତ୍ରରେ ସମାନ ବ୍ୟାଖ୍ୟା ନ୍ୟାୟସଙ୍ଗତ କିମ୍ବା ଯୁକ୍ତିସଙ୍ଗତ ହୋଇନପାରେ ।"

କିନ୍ତୁ ପରେ ଏହି ନ୍ୟାୟାଳୟ ମଧ୍ୟ ବ୍ୟାଖ୍ୟା କରିଥିଲେ ଯେ ଏହା ପ୍ରାସଙ୍ଗିକ ବ୍ୟବସ୍ଥା ଏବଂ ଆବଶ୍ୟକ ହେଉଥିବା ନିର୍ଦ୍ଦିଷ୍ଟ ପ୍ରକାରର ଅଭିଜ୍ଞତା ଉପରେ ନିର୍ଭର କରିବ । ସେହି ମାମଲାରେ, ନିୟମରେ ଥିବା ଭାଷା ଆଧାରରେ, ଏହି ନ୍ୟାୟାଳୟ ରାୟ ଦେଇଥିଲେ ଯେ ସ୍ନାତକୋତ୍ତର ପରେ 10 ବର୍ଷର ଅଭିଜ୍ଞତାର ଆବଶ୍ୟକତା

ନାହିଁ । ଉପରୋକ୍ତ ବାଧ୍ୟତାମୂଳକ ଭାଷାକୁ ଦୃଷ୍ଟିରେ ରଖି, ଆମ୍ଭେ କହିପାରିବା ନାହିଁ ଯେ କରାଯାଇଥିବା ନିୟମ ଆଇନରେ ସଠିକ୍ ନଥିଲା ।

ଏହା ପରେ ଯୁକ୍ତି କରାଯାଇଛି ଯେ ସରକାର ପରବର୍ତ୍ତୀ ନିୟମରେ ସ୍ନାତକୋତ୍ତର ପରେ ସର୍ବନିମ୍ନ ଅଭିଜ୍ଞତାକୁ ହଟାଇ ଦେଇଛନ୍ତି ଏବଂ ତେଣୁ ଆବେଦନକାରୀ ବିଚାର ପାଇବାକୁ ହକଦାର । ଆମ୍ଭର ସନ୍ଦେହ ନାହିଁ ଯେ ତାଙ୍କ ମାମଲା ନିୟମାନୁଯାୟୀ ବିଚାର କରାଯିବ ।

ସେହି ଅନୁଯାୟୀ ଏସ.ଏଲ.ପି. କୁ ଖାରଜ କରାଯାଉଛି ।

ଜି. ଏନ.

ଆବେଦନ ଖାରଜ ହୋଇଛି ।

## <u>ଅସ୍ୱୀକରଣ</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**